# ପିଲାଙ୍କ ଧରିତ୍ରୀ

ଶନିବାର, ୨୪ ଅଗଷ୍ଟ, ୨୦୧୯





ସ୍କୁଲ୍...ସ୍କୁଲ୍ ୩

୭ ଜଣା ଅଜଣା







୪ ତୁମ ତୁଳୀରୁ






୬ ପ୍ରତିଭା





ଗପ 9

# ଜୀବନ ଛୋଟ ହେଉ କିନ୍ତୁ ହେଉ ସୁନ୍ଦର



ଗପ

ପ୍ରଜାପତିଟିଏ ଥିଲା। ସେ ପ୍ରତିଦିନ ସକାଳୁ ନିଦରୁ ଉଠୁଥିଲା। ତା' ଘର ପାଖରେ ଥିଲା ଗୋଟିଏ ବଗିଚା। ସେ ଡେଣା ହଲାଇ ବଗିଚା ଆଡ଼କୁ ଉଡ଼ିଯାଏ। ବଗିଚାରେ ଫୁଟିଥାଏ ଖୁବ୍ ସୁନ୍ଦର ଜାତିଜାତିକା ଫୁଲ। ପ୍ରଜାପତିକୁ ଫୁଲ ସବୁ ବହୁତ ଭଲ ଲାଗେ। ସେ ଫୁଲଗୁଡ଼ିକ ଉପରେ ବସେ।

ବଗିଚାରେ ଗୋଟିଏ ଛୋଟ ଫୁଲ ବି ଥିଲା। ସେ ପ୍ରଜାପତିକୁ ପଚାରିଲା, ତୁମେ ଫୁଲ ଉପରେ କାହିଁକି ବସ ?

ପ୍ରଜାପତି କହିଲା, ଏବେ ମୁଁ ତ ଛୋଟ ଅଛି, କାଲିକି ବଡ଼ ହୋଇଯିବି। ମୁଁ କାଲି ତୁମଠୁ ମିଠା ମହୁ ଶୋଷିବି। ତୁମକୁ ଆହୁରି ସୁନ୍ଦର ବନାଇଦେବି। ଫୁଲ କହିଲା– ତୁମେ ଏଇ ସୁନ୍ଦର ଡେଣାରେ କ'ଣ କର ପ୍ରଜାପତି ?

ପ୍ରଜାପତି କହିଲା, ସୁନ୍ଦର ଡେଣା ସାହାଯ୍ୟରେ ଉଡି ମୁଁ କୁନି ପିଲାମାନଙ୍କ ପାଖକୁ ଯାଏ। ପିଲାମାନଙ୍କୁ ମୋର ସୁନ୍ଦର ଡେଣା ଖୁବ୍ ଭଲ ଲାଗେ। ସେମାନେ ମୋତେ ଧରି ପକାନ୍ତି। ମୁଁ ଦଉଡିଯାଏ। ସେମାନେ ପୁଣି ଦଉଡି ମୋତେ ଧରିବାକୁ ଚେଷ୍ଟା କରନ୍ତି। ମୁଁ ଦୂରରୁ ହିଁ ସେମାନଙ୍କୁ ମୋର ସୁନ୍ଦର ଡେଣା ଦେବି। ଫୁଲ କହିଲା, ସେମାନେ କ'ଣ ମୋ ପରି ଛୋଟ? ପ୍ରଜାପତି କହିଲା, ହଁ। ଆଚ୍ଛା ଏବେ ମୁଁ ଯାଉଛି ପୁଣି କାଲି ଆସିବି। କାଲିକି ତୁମେ ବଡ଼ ହୋଇଯାଇଥିବ ନା ?

ତା' ପରଦିନ ପ୍ରଜାପତି ବଗିଚାକୁ ପୁଣି ଆସିଲା। ଫୁଲ ପ୍ରଜାପତିକୁ ମିଠା ରସ ପିଇବାକୁ ଦେଲା। ଫୁଲ କହିଲା ପ୍ରଜାପତି ତୁମେ ସତରେ ଖୁବ ସୁନ୍ଦର। ତୁମେ ଆମଠାରୁ ବି ସୁନ୍ଦର। ତୁମେ କୁନି ପିଲାମାନଙ୍କ ମନ ଟାଣି ନିଅ। ତୁମେ ପିଲାମାନଙ୍କ ମନକୁ ସୁନ୍ଦର କରି ଦିଅ। ମୁଁ ବି ପିଲାଙ୍କ ପାଇଁ ଖେଳିବି। ସେମାନଙ୍କୁ ନିଜର ମହକ ଦେବି। ମୋତେ ଦେଖି ସେମାନେ ହସିବେ। ହେଲେ ମୁଁ ତ ଉଡ଼ିପାରେ ନାହିଁ, ଯିବି କେମିତି ?

ଫୁଲ ଉଦାସ ହୋଇଗଲା। ପ୍ରଜାପତି ତା'ର ଉଦାସ ମନ ଦୂର କରି କହିଲା, ମନ ଦୁଃଖ କରନା କୁନି ଫୁଲ। ମୋର ସୁନ୍ଦର ଡେଣା ଆଉ ତୁମର ମହକ ଅନ୍ୟକୁ ଖୁସି କରିବା ପାଇଁ। ତୁମକୁ କେହି ଛିଣ୍ଡାଇ ନେଲେ ବି ତୁମକୁ ହସିବାକୁ ହେବ। ମହକ ବାଣ୍ଟିବାକୁ ହେବ। ଏଇ ତ ହେଉଛି ଜୀବନ। ପ୍ରଜାପତି ଏହା କହି ଉଡିଗଲା। ପ୍ରଜାପତିର ମନ ଦୁଃଖ ବି ଦୂର ହୋଇଗଲା।

ତା' ପରଦିନ ପ୍ରଜାପତି ଫୁଲ ପାଖରେ ପହଞ୍ଚିଲା। ଫୁଲ ମଉଳିଯାଇଥିଲା। ମଉଳା ଫୁଲ ପ୍ରଜାପତିକୁ କହିଲା, ମନ କଷ୍ଟ କରନା ପ୍ରଜାପତି ଭଉଣୀ, ମୋ ଜୀବନ ଖୁବ ଛୋଟ, ଏବେ ମୁଁ ଯାଉଛି।

ପ୍ରଜାପତିର ଆଖିରେ ଲୁହ ଭରିଗଲା। ସେ କାନ୍ଦିକାନ୍ଦି କହିଲା, ତୁମର ଜୀବନ ଛୋଟ କେଉଁଠି ? ନା, ତୁମକୁ ବଞ୍ଚିବାକୁ ହେବ। ତୁମକୁ ଅନ୍ୟକୁ ମହକ ବାଣ୍ଟିବାକୁ ହେବ।

ଫୁଲ ମଧ୍ୟ ପ୍ରଜାପତିକୁ ଦେଖି କାନ୍ଦି ପକାଇଲା। ସେ କହିଲା, ପ୍ରଜାପତି ଭଉଣୀ, ଭଗବାନ ଆମର ଜୀବନକୁ ଦୁଇ ଦିନ ପାଇଁ ବନାଇଛନ୍ତି। ଆଚ୍ଛା ପ୍ରଜାପତି ଭଉଣୀ ମୋର ଶ୍ୱାସ ବନ୍ଦ ହୋଇଯାଉଛି। ମୁଁ ଯାଉଛି ଏଥର।

ପ୍ରଜାପତି ଫୁଲକୁ ସାହସ ଦେଲା। ହେଲେ ଫୁଲ ଆଉ ବଞ୍ଚିପାରିଲା ନାହିଁ। ପ୍ରଜାପତି ଜୋର ଜୋରରେ କାନ୍ଦିବାକୁ ଲାଗିଲା। ଭଗବାନଙ୍କ ଉପରେ ପ୍ରଜାପତିର ମନ ଖରାପ ହୋଇଗଲା। ସେ କାନ୍ଦି କାନ୍ଦି ଭଗବାନଙ୍କ ମନ୍ଦିରକୁ ଗଲା। ଭଗବାନଙ୍କୁ ପଚାରିଲା, ହେ ଭଗବାନ! କୁହ ତୁମେ ସୁନ୍ଦର ଫୁଲକୁ କାହିଁକି ମାରିଲ ? କୁହ, ଭଗବାନ କୁହ। ହେଲେ ଭଗବାନ କିଛି କହିଲେ ନାହିଁ। ପ୍ରଜାପତି ଭାବିବାକୁ ଲାଗିଲା, ଜୀବନ ଛୋଟ ହେଲେ ବି ସୁନ୍ଦର ହେବା ଉଚିତ।

**– ଭିକାରୀ ଚରଣ ପ୍ରଧାନ**
କନ୍ହେଇପୁର, ଖୋର୍ଦ୍ଧା
ମୋ: ୯୯୩୮୪୬୦୫୪୪

## ଖିଲିଖିଲି ହସ

**ହଷ୍ଟେଲ ଥିବା ଦୁଇ ସାଙ୍ଗ..**
୧ମ ସାଙ୍ଗ: କେମିତି ଡାଲି କରିଛୁ ନା ଲୁଣ ଅଛି ନା ହଳଦୀ ପଡିଛି। ସବୁବେଳେ ମୋବାଇଲ୍ ଧରି ବସୁଛୁ...।

୨ୟ ସାଙ୍ଗ: (ବେଲଣା କାଠି ଦେଖାଇ) ପ୍ରଥମେ ତୁ ମୋବାଇଲ୍ ସାଇଡ୍‌ରେ ରଖି ଖାଆ। କେତେବେଳଠୁ ଦେଖୁଛି ରୁଟିକୁ ପାଣିରେ ବୁଡ଼ାଇ ବୁଡ଼ାଇ ଖାଉଛୁ !

ରାମବାବୁ:ରାଜୁ, ଜାଣିଲ ଆଜି ମୋ କୁକୁର ଅଣ୍ଡା ଦେଇଛି।
ରାଜୁ: କୁକୁର କେବେଠୁ ଅଣ୍ଡା ଦେଲାଣି ?
ରାମବାବୁ: ଇଏ ମୋର ଷ୍ଟାଇଲ, ମୁଁ ମୋ କୁକୁଡା ନାଁ 'କୁକୁର' କରି ଦେଇଛି।

ଜିଣ୍ଟୁ: ରିଣ୍ଟୁ, ତୋତେ ତୋ ବାହାଘରରେ କ'ଣ ମିଳିଲା ?
ରିଣ୍ଟୁ: ମୋତେ 'ବିଏମ୍‌ଡବ୍ଲୁ' ମିଳିଛି ?
ଜିଣ୍ଟୁ: କିନ୍ତୁ ତୋ ପାଖରେ ତ କୌଣସି କାର୍ ନାହିଁ ।
ରିଣ୍ଟୁ: ଆରେ ଗଧ ବିଏମ୍‌ଡବ୍ଲୁ ମାନେ 'ବହୁତ ମୋଟା ୱାଇଫ୍'।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com



ଚଗଲା ଭୀମୁ


## ମତାମତ

ବୋଉର ହାତରନ୍ଧା ଗପଟି ବେଶ୍ ଶିକ୍ଷଣୀୟ ଥିଲା।
**– ଯୋଗମାୟା ମହାରଣା, ପିପିଲି, ପୁରୀ**

ହସକଥାରେ ପ୍ରକାଶିତ ଡାକ୍ତର ରୋଗୀ କଥା ପଢି ଖୁବ୍ ହସିଲି।
**– ରୋଜି, ସୋନି,ସୁନ୍ଦରଗଡ**

କହିଲ ଦେଖିର ଉତ୍ତର ଦେବାକୁ ଏବଂ ଆସ ଖୋଜିବା ସ୍ତମ୍ଭଟି କରିବାକୁ ମଜା ଲାଗୁଛି।
**– ଅଭିଜିତ୍ ମହାପାତ୍ର, ଓଡଗାଁ, ନୟାଗଡ**

ଜଣା ଅଜଣା ପୃଷ୍ଠାଟି ଖୁବ୍ ସୁନ୍ଦର ଲାଗୁଥିଲା। ଏଥିରୁ ଅନେକ କଥା ଜାଣିବାକୁ ମିଳୁଛି।
**– ଲଲାଟେନ୍ଦୁ ସ୍ୱାଇଁ, ତିର୍ତ୍ତୋଲ,ଜଗତ୍‌ସିଂହପୁର**


ବିନ୍ଦୁ ଯୋଡ଼


ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

**ସଂକ୍ଷେପରେ**

ସ୍ଥାପିତ: ୧୯୫୫
ଶ୍ରେଣୀ: ୬ଷ୍ଠରୁ ୧୦ମ
ଶିକ୍ଷୟିତ୍ରୀ ଓ ଶିକ୍ଷକ ସଂଖ୍ୟା: ୧୬
ଛାତ୍ରୀଛାତ୍ର ସଂଖ୍ୟା: ୪୮୫





ତତ୍କାଳୀନ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ବଡ଼ଗାଁ ଉଚ୍ଚ ବିଦ୍ୟାଳୟ

ସ୍ୱର୍ଗତ ଜନ୍ମେଜୟ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଗଠିତ, ଓଡ଼ିଶାର ପୁରାତନ ସ୍କୁଲ ମଧ୍ୟରେ ଅନ୍ୟତମ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗାଁ। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସରକାରୀ ପାଠ୍ୟ ପୁସ୍ତକ ପଢ଼ାଯାଉଥିବା ବେଳେ ଶାରୀରିକ ବ୍ୟାୟାମ, ଯୋଗ, କମ୍ପ୍ୟୁଟର ଶିକ୍ଷା, ବୃତ୍ତିଗତ ଶିକ୍ଷା ଓ ଖେଳକୁଦ ଉପରେ ଗୁରୁତ୍ୱ ଦିଆଯାଏ। ଏଠାରେ ପ୍ରୋଜେକ୍ଟର ଓ ସ୍ମାର୍ଟ କ୍ଲାସ ମାଧ୍ୟମରେ ଶିକ୍ଷା ଦିଆଯାଏ। ଏଠାରେ ଗୋଟିଏ କମ୍ପ୍ୟୁଟର ଲାବ୍, ଦୁଇଟି ଭୋକେଶନାଲ ଲାବ୍ ଏବଂ ଗୋଟିଏ ଭିଜୁଆଲ କ୍ଲାସ ମାଧ୍ୟମରେ ଶିକ୍ଷା ଦିଆଯାଉଛି। ବିଦ୍ୟାଳୟରେ ଗଣେଶ ପୂଜା, ସରସ୍ୱତୀ ପୂଜା, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ବାର୍ଷିକ କ୍ରୀଡ଼ା, ବାର୍ଷିକ ଉତ୍ସବ, ସ୍ୱଚ୍ଛ ଭାରତ, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ବିଜ୍ଞାନ ଡ୍ରାମା, ବିଜ୍ଞାନ ସେମିନାର, ବିଜ୍ଞାନ ପ୍ରଦର୍ଶନୀ ଭଳି କାର୍ଯ୍ୟକ୍ରମଗୁଡ଼ିକ ସମ୍ପାଦନ କରାଯାଏ ଏବଂ ଏଥିଯୋଗୁଁ ବିଦ୍ୟାର୍ଥୀମାନେ ଉପକୃତ ହୁଅନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ନିଜ ନିଷ୍ଠା ଓ ଶିକ୍ଷକଙ୍କ ତତ୍ତ୍ୱାବଧାନ ବଳରେ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ପ୍ରତିବର୍ଷ ସ୍କାଉଟ୍ ଓ ଗାଇଡରେ ରାଜ୍ୟ ପୁରସ୍କାର ପାଇଆସୁଛନ୍ତି। ଦୀର୍ଘବର୍ଷ ଧରି ଏହି ଅନୁଷ୍ଠାନ ସୃଷ୍ଟି କରିଛି ଅନେକ ମେଧାବୀ ଛାତ୍ରୀଛାତ୍ର। ଏଠାରେ ଶିକ୍ଷା ଗ୍ରହଣ କରିଥିବା ଅନେକ ଛାତ୍ରୀଛାତ୍ର ରାଜ୍ୟ ତଥା ଦେଶ ବିଦେଶରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ମୋ ସ୍କୁଲ ଅଭିଯାନ ତରଫରୁ ବିଦ୍ୟାଳୟର କେତେକ ପୁରାତନ ଛାତ୍ରୀଛାତ୍ରଙ୍କ ସହାୟତାରେ ଏକ ଲକ୍ଷ ଟଙ୍କା ଏବଂ ଓଡ଼ିଶା ସରକାରଙ୍କ ଠାରୁ ଦୁଇଲକ୍ଷ ଟଙ୍କା ସଂଗ୍ରହ କରାଯାଇ ବିଦ୍ୟାଳୟର ଲାଇବ୍ରେରୀ, ଫର୍ନିଚର, ପାନୀୟ ଜଳଯୋଗାଣ, କମ୍ପ୍ୟୁଟର ଇତ୍ୟାଦିର ଉନ୍ନତୀକରଣରେ ବ୍ୟବହାର କରାଯାଉଛି।

**– ଅଶୋକ କୁମାର ଷଡ଼ଙ୍ଗୀ**



**କାଥଲିନା ଖାଲୋଖୋ**
**ପ୍ରଧାନ ଶିକ୍ଷୟିତ୍ରୀ**

ଆମ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ବୌଦ୍ଧିକ ବିକାଶ ପ୍ରତି ଦୃଷ୍ଟି ଦେଇଥାଏ। ସ୍କୁଲର ସୁନାମ ଯେମିତି ସବୁଦିନ ବଜାୟ ରହିବ ସେଥିପାଇଁ ଆମେ ସବୁ ଶିକ୍ଷୟିତ୍ରୀ, ଶିକ୍ଷକ ଯତ୍ନବାନ ଅଛୁ। ୧୦ମ ବୋର୍ଡ଼ ପରୀକ୍ଷାରେ ପ୍ରତିବର୍ଷ ଯେମିତି ସବୁ ଛାତ୍ରୀଛାତ୍ର ସଫଳତା ପାଇବେ ସେଥିପାଇଁ ଉଦ୍ୟମ ଜାରି ରଖିଛୁ।


ଡ୍ରିଲ କ୍ଲାସରେ ଛାତ୍ରୀଛାତ୍ର।


ସ୍କୁଲର ବାର୍ଷିକ କ୍ରୀଡ଼ା ଅବସରରେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଦିଆଯାଉଛି।


ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ।



**ସଂଯୁକ୍ତା କିଷାନ, ୧୦ମ ଶ୍ରେଣୀ**

ଜିଲାସ୍ତରୀୟ ଆଥଲେଟିକ୍ସରେ ଚାମ୍ପିୟନ ହୋଇ ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ସେ ଜିଲାସ୍ତରରେ ୮୦୦ ମିଟର ଦୌଡ଼ରେ ୩ୟ ଓ ୧୫୦୦ ମିଟର ଦୌଡ଼ରେ ୨ୟ ସ୍ଥାନ ଅଧିକାର କରିଥିଲେ।



**ସିଦ୍ଧାର୍ଥ ଛତ୍ରିଆ, ୧୦ମ ଶ୍ରେଣୀ**

ଜଣେ ଭଲ ଖେଳାଳି ଭାବେ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ସେ ଜଣେ ଉତ୍ତମ ଫୁଟବଲ ଖେଳାଳି। ବିଭିନ୍ନ ସ୍ଥାନରେ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

# ତୁ ମ ତୂ ଲୀ ରୁ




୧




୨



୩




୪



୫



୯



୧୦



୬



୭



୮



୧୧



୧୨

୧
ସୌମ୍ୟ ଶୋଭିତ ସାମଲ
କ୍ଲାସ-୩,ଚିନ୍ମୟ ବିଦ୍ୟାଳୟ,ଦେବଗଡ



୨
ହିତେଶ କୁମାର ପଣ୍ଡା
କ୍ଲାସ-୩,ଚିନ୍ମୟ ବିଦ୍ୟାଳୟ,ଦେବଗଡ



୩
ଶ୍ୱେତାଙ୍ଗିନୀ ସିଂହଦେଓ
କ୍ଲାସ-୯,ମଦନବାଟି ପବ୍ଲିକ୍ ସ୍କୁଲ, ସମ୍ବଲପୁର



୪
ସିବାଂଶି ପାଢୀ
କ୍ଲାସ-୨, ସେଣ୍ଟ ଜାଭିୟର୍ସ ହାଇସ୍କୁଲ,ସତ୍ୟନଗର ଭୁବନେଶ୍ୱର



୫
ସିଶାଙ୍କି ପାଢୀ
କ୍ଲାସ-୧୦, ଡିପିଏସ୍ କଳିଙ୍ଗ, କଟକ



୬
ସ୍ମୃତିବିନ୍ଦୁ ଝାଙ୍କର
କ୍ଲାସ-ୟୁକେଜି,ଲିଟିଲ ଫ୍ଲାୱାର ସ୍କୁଲ, ବଲାଙ୍ଗୀର



୭
ଅବିନାଶ ଦଣ୍ଡସେନା
କ୍ଲାସ-୮,ବୁଢାରାଜା ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର



୮
ଜି.ଶିରିଷା
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧନୁପାଲି, ସମ୍ବଲପୁର



୯
ସମାପିକା ସାହୁ
କ୍ଲାସ-୩,କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ



୧୦
ସ୍ୱୟଂପ୍ରଜ୍ଞା ସାହୁ
କ୍ଲାସ-୨,ସେଣ୍ଟ ଜାଭିୟର ସ୍କୁଲ, ସମ୍ବଲପୁର



୧୧
ଅବନ୍ତିକା ନାୟକ
କ୍ଲାସ-୩,ଗୁରୁ ନାନକ ପବ୍ଲିକ୍ ସ୍କୁଲ, ସମ୍ବଲପୁର



୧୨
କଳଶ ଭାରୁ
କ୍ଲାସ-୪,ସେଣ୍ଟ ଜୋଶେଫ୍ କନ୍‌ଭେଣ୍ଟ ସ୍କୁଲ, ସମ୍ବଲପୁର



# ଅଲରାଉଣ୍ଡର ପ୍ରାର୍ଥନା

ଶିଶୁ ପ୍ରତିଭା



ବହୁପ୍ରତିଭାର ଅଧିକାରୀଣି ପ୍ରାର୍ଥନା ଭାରୁ, ବୟସ ୧୪ । ସମ୍ବଲପୁର ସାକ୍ଷୀପଡା ଗୁଜୁରାତି ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି। ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲର କ୍ଲାସ-୯ ଛାତ୍ରୀ ପ୍ରାର୍ଥନା ବିଭିନ୍ନ ରଙ୍ଗ ମିଶ୍ରଣ ଓ ସୂକ୍ଷ୍ମ ତୂଳୀ ସ୍ପର୍ଶରେ କାନଭାସରେ ପ୍ରାକୃତିକ ଦୃଶ୍ୟରାଜି, ବନ୍ୟପ୍ରାଣୀ, ପକ୍ଷୀ, ଫୁଲ, ମହାପୁରୁଷ, ବିଭିନ୍ନ ସଚେତନଧର୍ମୀ ଚିତ୍ର ଜୀବନ୍ତ ଭାବେ ଅଙ୍କନ କରିଥାନ୍ତି । ଏଥିଯୋଗୁଁ ସେ ଜିଲା ଓ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବହୁବାର ପ୍ରଥମ ସ୍ଥାନରେ କୃତିତ୍ୱ ଅର୍ଜନ କରିଛନ୍ତି । ଓଡିଶା ଓ ଛତିଶଗଡ ଜୋନ ଆଇସିଏସଇ ବୋର୍ଡ ଦ୍ୱାରା ପରିଚାଳିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ୨୦୦୩ ମସିହାରେ କଳା ଓ କଳାକାର ପକ୍ଷରୁ ଶିଶୁ ଚିତ୍ରଶିଳ୍ପୀ ପୁରସ୍କାର, ୨୦୧୭ରେ କେଜିକେ ସମାଜ ଦ୍ୱାରା ଶ୍ରେଷ୍ଠ ଶିଶୁ ଶିଳ୍ପୀ ପୁରସ୍କାର ଲାଭ କରିଛନ୍ତି। ଚିତ୍ରାଙ୍କନ ବ୍ୟତୀତ ସେ ଓଡିଶୀ ନୃତ୍ୟ, ରଙ୍ଗୋଲି ଓ ପାଠପଢ଼ାରେ ମଧ୍ୟ ସଫଳତା ହାସଲ କରିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହୋଇଥିବା ପରୀକ୍ଷାରେ ପ୍ରାର୍ଥନା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ୨୦୧୬ ମସିହାରେ ରୋଟାରୀ କ୍ଲବ ଆୟୋଜିତ ଲିଟିଲ ମିସ୍ ସମ୍ବଲପୁର ପ୍ରତିଯୋଗିତାରେ ଭାଗ ନେଇ ଚାମ୍ପିୟନ୍ ହୋଇଥିଲେ । ଏହି ସବୁ ପ୍ରତିଭାକୁ ଦୃଷ୍ଟିରେ ରଖି ସେଣ୍ଟ ଜୋସେଫ୍ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଆଚିଭମେଣ୍ଟ ଆୱାର୍ଡ ୨୦୧୮ରେ ପୁରସ୍କୃତ କରିଥିଲେ। ଏନେଇ ପ୍ରାର୍ଥନା କହନ୍ତି, କେଜି ଶ୍ରେଣୀରେ ପଢୁଥିବା ବେଳେ ବଡ ଭଉଣୀ ମହିମା ଭାରୁ ଚିତ୍ର ଆଙ୍କିବା ଶିଖୁଥିଲେ । ବଡ ଭଉଣୀଙ୍କ ଚିତ୍ର ଆଙ୍କିବା ଦେଖି ମୁଁ ମଧ୍ୟ ଚିତ୍ରଆଙ୍କି ରଙ୍ଗ ଦେଉଥିଲି । ପରବର୍ତ୍ତୀ ସମୟରେ ପ୍ରଶିକ୍ଷକ ମୋ ଚିତ୍ର ଆଙ୍କିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ଏହାପରେ ମାଆ ଦିଶା ଭାରୁ ଓ ବାପା ବିମଳ ଭାରୁ ଚିତ୍ର ପ୍ରଶିକ୍ଷଣ ନେବା ପାଇଁ ନାମ ଲେଖାଇଥିଲେ । ସେହି ଦିନଠାରୁ ଚିତ୍ରଶିଳ୍ପୀ ପବିତ୍ର ବେରିହାଙ୍କ ତତ୍ତ୍ୱାବଧାନରେ ଚିତ୍ର ଆଙ୍କିବାରେ ନିଜକୁ ବ୍ରତୀ କରିଥିଲି । ରଙ୍ଗୋଲି ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇ ସଫଳତା ପାଇଛି । କିନ୍ତୁ ଚିତ୍ରାଙ୍କନରେ ମୋର ବେଶି ଆଗ୍ରହ । ଆର୍କିଟେକ୍ ଓ ଚିତ୍ରାଙ୍କନ ମଧ୍ୟରେ ବେଶି କିଛି ଫରକ ନାହିଁ । ତେଣୁ ଭବିଷ୍ୟତରେ ଆର୍କିଟେକ୍ ପାଠ ପଢ଼ିବାକୁ ଇଚ୍ଛା ରହିଛି । ଏତତ୍‌ବ୍ୟତୀତ ଚିତ୍ରାଙ୍କନ ଅନୁଷ୍ଠାନ ଖୋଲି ଶିଶୁମାନଙ୍କୁ ଚିତ୍ର ଆଙ୍କିବା ଶିଖାଇବାକୁ ଆଶା ରଖିଛି ବୋଲି ପ୍ରାର୍ଥନା କହିଛନ୍ତି ।

– ବି. ଶଙ୍କର

**ସାନ ମନ ଛନ ଛନ :** ଶିଶୁ–କିଶୋର କବିତା ସଂକଳନ 'ସାନ ମନ ଛନ ଛନ'ରେ ରହିଛି ଗାଁର ଗୀତ, ଧକଡ ଧାଇଁ, ଏମିତି ପିଲା, ରଜାଘର ପିଲା, ମୋର ଭାରତ ମହାନ, କଣ୍ଢେଇ ରାଣୀ, କହରେ କଥା, କାହାକୁ ଲୋଡା କିସ, ବରଷା ମଜା, ମାଆ ଭଉଣୀ, ଚୁଟିଆ ମୂଷା, ନିରିମାଖି ବିଲେଇ ଏବଂ ଧାନ ତ ଆମର ଧନ ପରି ଶିକ୍ଷଣୀୟ କବିତା। ସୁଭାଷ ଚନ୍ଦ୍ର ଦାଶଙ୍କ ଦ୍ୱାରା ରଚିତ ଏହି କବିତା ସଂକଳନର ମୂଲ୍ୟ ରହିଛି ୫୫ ଟଙ୍କା।

**ଯୋଗାଯୋଗ :** ସାନ ମନ ଛନ ଛନ, ଟାଇମ ପାସ୍, ୯୫୦ (ପି), ଗ୍ରୀନ ଭିଲ୍ଲା, ଏନ.କେ.ମାର୍ଗ, ବରମୁଣ୍ଡା, ଭୁବନେଶ୍ୱର।

ତୁମ ପଢ଼ିବା ପାଇଁ




## ଫୁଲ ଫୁଟି ବାସ ଯାଏ ବିତରି


ଫୁଲ ଫୁଟି ବାସ ଯାଏ ବିତରି
ମନେ ମନେ ଦିଏ ପୁଲକ ଭରି
ଫୁଲର ବାସନା ମନର ଦୁଃଖ
ଦୂର କରିଦେଇ ଦିଅଇ ସୁଖ
ଯେଉଁ ଋତୁରେ ଫୁଟେ ଯେଉଁ ଫୁଲ
କେହି ହେବେ ନାହିଁ ତାହାର ତୁଲ
ଫୁଲ ପରି ହେଉ ସବୁରି ମନ
ଦିଅ ନାହିଁ କାହା ମନେ କଷଣ
ଗଛ ଗୋଟେ ଗୋଟେ ଲଗାଅ ଭାଇ
ଫୁଲ ଫଳେ ଶୋଭା ଦିଶିବ ମହୀ।

– ପୀତାମ୍ବର ମହାପାତ୍ର
ମଧଶାସନ, ଜଗତ୍‌ସିଂହପୁର



କ ବି ତା

## ପରାଣମିତ



ଗୀରିଷମ ପରେ ଆସିଛି ଘୋର ବରଷାକାଳ
ଆକାଶ ବୁକୁରେ ଭାସଇ ମେଘ ମାଳକୁ ମାଳ।
ଚକଚକ ମାରେ ବିଜୁଳି ପୁଣି ଝଲସେ ଧରା
ବଜର ଶବଦେ ଚମକି ଉଠେ ଛାତିଟି ପରା।
ଅତି ପରବଳ ବେଗରେ ଝରେ ବରଷା ପାଣି
ମୟୂର ନାଚଇ ବନରେ ତା'ର ଦେଖେଇ ଠାଣି।
ନଦୀନାଳ ଭରା ପାଣିରେ ସୁଅ ଛୁଟଇ ଖର
କେଡ଼େ ଉଚ୍ଚ ଉଚ୍ଚ ପାହାଡ଼ ବୁକୁ ଫିଟିଛି ଝର।
ଗାଡ଼ିଆ କୂଳରେ ଛାଡ଼ଇ ରଡ଼ି ବେଙ୍ଗୁଲିନାନୀ
ସାଧବ ବୋହୂଟି ନାଚଇ ଛାଟି ନାଲିଆକାନି।
ବଗିଚାରେ ଫୁଟି ବାସିଲେ ହେନା, ମାଳତୀ, ଜାଇ
ତରତର ଚାଷୀଭାଇଟି ଚାଷ କରିବା ପାଇଁ।
ବରଷାକାଳଟି ଜଗତେ କେତେ ସାଧଇ ହିତ
ସେଥିପାଇଁ ସିନା ଅଟଇ ସିଏ ପରାଣମିତ।

–ନିରାକାର ଚଇନି
ତେଲକୋଇ, କେନ୍ଦୁଝର

## ଆର ଥରର ଉତ୍ତର

* ସାହିତ୍ୟ
* ରାଜୀବଗାନ୍ଧୀ ଖେଳ ରତ୍ନ ପୁରସ୍କାର
* ସଚିନ୍ ତେନ୍ଦୁଲକର
* ପ୍ରଣବ ମୁଖାର୍ଜୀ
* ସାମରିକ କ୍ଷେତ୍ରରେ

## ଏ ଥର ର ପ୍ରଶ୍ନ

* ନିକଟରେ ଭାରତ କେଉଁ ଯାନ ଚନ୍ଦ୍ରପୃଷ୍ଠକୁ ପ୍ରେରଣ କରିଛି ?
* ପୃଥିବୀ ଚାରିପଟେ ଘୂରୁଥିବା କେଉଁ ଗ୍ରହ ସବୁଠାରୁ ଦ୍ରୁତତମ ?
* କେଉଁ ଗ୍ରହକୁ ପୃଥିବୀର ସିଷ୍ଟର ଗ୍ରହ ବୋଲି କୁହାଯାଏ ?
* କେଉଁ ଗ୍ରହର ବିଶିଷ୍ଟ ଲକ୍ଷଣ ବିଶାଳ ନାଲି ଦାଗ ?
* ସୌରମଣ୍ଡଳର ସବୁଠାରୁ ଉଜ୍ଜ୍ୱଳତମ ଗ୍ରହ କେଉଁଟି ?

ପାର୍ଥକ୍ୟ ଦର୍ଶାଅ



# ଜଣା ଅଜଣା



✲ ଜେବ୍ରାର ଶରୀରରେ ଥିବା ଧଳାକଳା ପଟି ମଧ୍ୟରୁ କଳା ରଙ୍ଗ ଏହାର ଚର୍ମ ହୋଇଥିବା ବେଳେ ସେଥିରେ ଧଳାରଙ୍ଗର ପଟ୍ଟା ଚିହ୍ନଥାଏ।



✲ହାତୀ ଶରୀରର ଆକାର ଜୀବନବ୍ୟାପି ବୃଦ୍ଧି ଘଟିଥାଏ। ତେବେ ସବୁଠାରୁ ବଳିଷ୍ଠ ଶରୀର ଥିବା ହାତୀ ହିଁ ଦଳର ମୁଖିଆ ହୋଇଥାଏ।



✲ ପୃଥିବୀରେ ପ୍ରାୟ ୨୦ ହଜାର ପ୍ରଜାତିର ମହୁମାଛି ଦେଖାଯାନ୍ତି। କିନ୍ତୁ ଏଥିମଧ୍ୟରୁ କିଛି ପ୍ରଜାତି ହିଁ ମହୁ ଉତ୍ପାଦନ କରିଥାନ୍ତି।



✲ ଓଟ କେବଳ ୧୦ ମିନିଟରେ ପ୍ରାୟ ୧୩୫ ଲିଟର ପାଣି ପିଇପାରେ।



✲ କୁମ୍ଭୀର ପାଣି ଭିତରୁ ଲମ୍ଫ ପ୍ରଦାନ କରି ଉଡିଯାଉଥିବା ପକ୍ଷୀକୁ ମଧ୍ୟ ଶିକାର କରିପାରେ।

✲ପେଚା ନିଜ ମୁଣ୍ଡକୁ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲେଇ ପାରିଥାଏ।



✲ ସୁସ୍ୱାଦୁ ବ୍ୟଞ୍ଜନ ପାଇଁ ଭାରତ ସାରା ବିଶ୍ୱରେ ପ୍ରସିଦ୍ଧ। ତେବେ ପୃଥିବୀର ୭୦ ଭାଗ ମସଲା କେବଳ ଭାରତରୁ ହିଁ ଉତ୍ପାଦିତ ହୋଇଥାଏ।



# ଆଇନା



ଅଭିଲୀପ୍ସା
୭ ବର୍ଷ




ଅଂଶ
୫ ବର୍ଷ



ସାଇଶ୍ରୀ
୬ ବର୍ଷ